# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 July - 2024

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ବିଦ୍ୟାରୂପୀ ସଂଜୀବନୀ ବ୍ୟକ୍ତିର ଜୀବନକୁ ଧନ୍ୟ କରିବା ସହିତ ସବୁକ୍ଷେତ୍ରରେ ସଫଳତା ପ୍ରଦାନ କରିଥାଏ  ବୋଲି କହିଲେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଆଗାମୀ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ପାଇଁ ସରକାରଙ୍କୁ ସୁପାରିଶ କରାଯିବ; ସୂଚନା ଦେଲେ  ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ

- ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଗହଳି

— ସନ୍ଧ୍ୟାଧୂପ ନୀତି ପରେ ଠାକୁରଙ୍କର ଆଡପ ମଣ୍ଡପ ବିଜେ

ଏବଂ

- ରାଜ୍ୟରେ ଗତ ୫ ବର୍ଷରେ ଡେଙ୍ଗୁ ଚିହ୍ନଟ ହୋଇଥିବା ଅଂଚଳଗୁଡ଼ିକୁ ପୁନଃ ସର୍ଭେ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗର ନିଷ୍ପତ୍ତି

# ରାଷ୍ଟ୍ରପତି-ନାଇଜର

ବିଦ୍ୟାରୂପୀ ସଂଜୀବନୀ ଦ୍ୱାରା ବ୍ୟକ୍ତିର ଜୀବନ ଧନ୍ୟ ହେବା ସହିତ ସବୁକ୍ଷେତ୍ରରେ ସଫଳତା ପ୍ରଦାନ କରିଥାଏ  ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ-ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ  କହିଛନ୍ତି ବିଦ୍ୟା, ବ୍ୟକ୍ତିକୁ ଅମୃତ ପ୍ରଦାନ କରିଥାଏ ।

ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଶିକ୍ଷା ଏବଂ ଜ୍ଞାନକୁ ମାନବତାର ଉପକାର ପାଇଁ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଛନ୍ତି ।  ପ୍ରସିଦ୍ଧ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ସି.ଭି.ରମଣ ଏବଂ ଭାରତୀୟ ଜ୍ୟୋତିର୍ବିଦ୍ ତଥା ଗଣିତଜ୍ଞ ପଠାଣି ସାମନ୍ତଙ୍କ ଅନନ୍ୟ ପ୍ରତିଭା ଉପରେ ରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଥିଲେ। ସେ କହିଥିଲେ, ବିଜ୍ଞାନ ଏବଂ ବୈଷୟିକ ଜ୍ଞାନକୌଶଳର ଉପଯୁକ୍ତ ପ୍ରୟୋଗ ଦ୍ୱାରା ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଅନ୍ୟପକ୍ଷରେ, ଏହାର ଅପବ୍ୟବହାର ମାନବ ଜାତିକୁ ଧ୍ୱଂସମୁଖକୁ ଟାଣି ନେଇପାରେ ବୋଲି ରାଷ୍ଟ୍ରପତି ସତର୍କ କରାଇ ଦେଇଛନ୍ତି । ସୂଚନାଯୋଗ୍ୟ, ୪ ଦିନିଆ ଓଡ଼ିଶା ଗସ୍ତ ଅବସରରେ ରାଷ୍ଟ୍ରପତି ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ

ଦେଇଥିଲେ । ରାଷ୍ଟ୍ରପତି ଆଜି ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

**ରତ୍ନଭଣ୍ଡାର**

ରତ୍ନଭଣ୍ଡାର ଯାଂଚ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ସମ୍ପର୍କରେ ସୂଚନା ଦେଇ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ଆଗାମୀ ୧୪ ତାରିଖ ଦିନ ରତ୍ନଭଣ୍ଡାର ଖୋଲିବା ପାଇଁ ସରକାରଙ୍କୁ ନିବେଦନ କରାଯିବ। ସର୍ବସମ୍ମତିକ୍ରମେ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ପରେ ଏହର ରକ୍ଷଣାବେକ୍ଷଣ ଏବଂ ଅଳଙ୍କାରର ଗଣତି ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ରତ୍ନଭଣ୍ଡାର ଅଳଙ୍କାରକୁ ରଖିବା ପାଇଁ ଶ୍ରୀମନ୍ଦିର ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇଛି ବୋଲି ଜଷ୍ଟିସ୍ ରଥ ସୂଚନା ଦେଇଛନ୍ତି। ସ୍ୱର୍ଣ୍ଣକାରଙ୍କ ଦ୍ୱାରା ଅଳଙ୍କାରଗୁଡ଼ିକର ମୂଲ୍ୟାୟନ କରାଯିବ। ଏହି ବୈଠକରେ ରତ୍ନଭଣ୍ଡାର ଖୋଲିବା, ଏହାର ରକ୍ଷଣାବେକ୍ଷଣ, ଅଳଙ୍କାର ଗଣତି ଏବଂ ମୂଲ୍ୟାୟନ ଆଦି ପ୍ରସଙ୍ଗ ନେଇ ଏକ ମାର୍ଗଦର୍ଶିକା ପ୍ରସ୍ତୁତି ନେଇ ବୈଠକରେ ଆଲୋଚନା ହୋଇଛି। ତେବେ ଏ ସମସ୍ତ ପ୍ରକ୍ରିୟା ମଧ୍ୟରେ ସାଧାରଣ ଦର୍ଶନ ପୂର୍ବଭଳି ଜାରି ରହିବ ବୋଲି ସେ କହିଛନ୍ତି। ସେ କହିଛନ୍ତି.....

**- V/O –**

## ନିଯୁକ୍ତି ବୃଦ୍ଧି

ଗତ ଆର୍ଥିକବର୍ଷରେ ଦେଶରେ ନିଯୁକ୍ତି ଅନୁପାତ ବୃଦ୍ଧି ପାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡିଛି। ଆର.ବି.ଆଇ. ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକବର୍ଷରେ ନିଯୁକ୍ତି ଅଭିବୃଦ୍ଧି ୬ ପ୍ରତିଶତ ରହିଥିଲା। ଏହା ଗତ ୨୦୨୨-୨୩ ଆର୍ଥିକବର୍ଷ ତୁଳନାରେ ୨ ଦଶମିକ ୮ ପ୍ରତିଶତ ଅଧିକ। ଗତ ଆର୍ଥିକବର୍ଷରେ ଦେଶରେ ମୋଟ ନିଯୁକ୍ତି ୬ କୋଟି ୪୩ ଲକ୍ଷ ୩୦ ହଜାର ହୋଇଥିଲା ବୋଲି ଏହି ରିପୋର୍ଟରେ କୁହାଯାଇଛି।

## ଶ୍ରଦ୍ଧାଞ୍ଜଳି ଅର୍ପଣ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗତକାଲିଠାରୁ ଦୁଇଦିନିଆ **ମାଲକାନଗିରି** ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ରୋଡାନ୍‌ପାଲ୍ଲୀସ୍ଥିତ ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ବାସଭବନକୁ ଯାଇ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଗସ୍ତ ଅବସରରେ ଗତକାଲି ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଗୋବିନ୍ଦପାଲ୍ଲୀ, ମାଥିଲି, ପୋଟେରୁ ଓ କାଲିମେଳା ଆଦି ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲ।

## ଡେଙ୍ଗୁ ଚିହ୍ନଟ-ପୁନଃ ସର୍ଭେ

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଡେଙ୍ଗୁ ଚିହ୍ନଟ ହୋଇଥିବା ଅଂଚଳଗୁଡ଼ିକୁ ପୁନଃ ସର୍ଭେ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ ଏବଂ ମ୍ୟୁନିସ୍‌ପାଲିଟି କମିଶନରଙ୍କୁ ଚିଠି ଲେଖି ସ୍ୱାସ୍ଥ୍ୟ ସଚିବ ସର୍ଭେ ସଂକ୍ରାନ୍ତ ତଥ୍ୟ ଦାଖଲ କରିବାକୁ ଅନୁରୋଧ କରିଛନ୍ତି। ସେହିସବୁ

ଅଂଚଳରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବାଲାଗି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସ୍ୱାସ୍ଥ୍ୟବିଭାଗ କହିଛି। ବର୍ଷାଋତୁ ଆରମ୍ଭ ହୋଇଥିବାରୁ ଡେଙ୍ଗୁ ଏବଂ ମ୍ୟାଲେରିଆ ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟରେ ଜନସଚେତନତା ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

## ଆଡପମଣ୍ଡପ ବିଜେ

**ପୁରୀ** ଶରଧାବାଲି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଦର୍ଶନ କରିବା ଲାଗି ପ୍ରବଳ ଜନ ସମାଗମ ହୋଇଛି। ପରମ୍ପରା ଅନୁଯାୟୀ, ଆଜି ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ତିନି ରଥରେ ଚାଳମାଳ ବନ୍ଧାଯିବ। ଏହାପରେ ମଙ୍ଗଳାର୍ପଣ ହୋଇ ଠାକୁର ଗୋଟି ପହଣ୍ଡିରେ ଆଡପ ମଣ୍ଡପକୁ  ବିଜେ କରିବେ। ପ୍ରଥମେ ମଦନମୋହନ ଏବଂ ରାମକୃଷ୍ଣଙ୍କୁ ବିଜେ କରାଯିବ। ଏହାପରେ ସୁଦର୍ଶନଙ୍କ ପହଣ୍ଡି ବିଜେ ହେବ। ପରେ ବଡ଼ ଭାଇ ବଳଭଦ୍ର, ଭଉଣୀ, ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥ **ଆଡପ ମଣ୍ଡପକୁ ବିଜେ** କରିବେ।

## ରଥଯାତ୍ରା-ଦିଗପହଣ୍ଡି-ଯାଜପୁର

**ଗଞ୍ଜାମ** ଜିଲ୍ଲା ସୁରଙ୍ଗୀଗଡ଼ ଏବଂ ଦିଗପହଣ୍ଡିରେ **ବାସି ରଥଯାତ୍ରା** ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ସେଠାରେ ଗୋଟିଏ ଦିନ ବିଳମ୍ବରେ ଠାକୁରଙ୍କର ରଥଟଣା ହୋଇଥାଏ। ଶ୍ରୀଗୁଣ୍ଡିଚା ଅର୍ଥାତ୍ ରବିବାର ଦିନ ଏହି ଦୁଇଟି ଯାକ ସ୍ଥାନରେ ଠାକୁରଙ୍କର ନୀତିକାନ୍ତି ସମ୍ପନ୍ନ ପରେ ପହଣ୍ଡି ବିଜେରେ

ରଥାରୂଢ଼ ହୋଇଥିଲେ । ତେବେ ତା’ ପରଦିନ ସେଠାରେ ରଥଟଣା ସୁରୁଖୁରେ ସମ୍ପନ୍ନ ହୋଇଛି ।

**ଯାଜପୁର** ଜିଲ୍ଲା ସୁକିନ୍ଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମଧ୍ୟ ରଥଯାତ୍ରା ଦୁଇଦିନ ଧରି ପାଳିତ ହୋଇଥାଏ । ପରମ୍ପରା ଅନୁଯାୟୀ, ଶ୍ରୀଗୁଣ୍ଡିଚା ଦିନ ୩ ଠାକୁର ରଥାରୂଢ଼ ହୋଇଥିଲେ ଏବଂ ଗତକାଲି ମାଉସୀ ମା’ ମନ୍ଦିରକୁ ବିଜେ କରିଛନ୍ତି । ଅପରାହ୍ଣ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ରଥ ମାଉସୀ ମା’ଙ୍କ ମନ୍ଦିରରେ ପହଞ୍ଚିଥିଲ । ସେହିଭଳି ଜିଲ୍ଲାର ଗଡମଧୁପୁର, ଯାଜପୁର, ପଛିକୋଟ, କୋରବନ୍ଧି ଆଦି ସ୍ଥାନଗୁଡ଼ିକରେ ରଥଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି ।

## ଜାତୀୟ ରାଜପଥ

**ଢେଙ୍କାନାଳ** ସହର ମଧ୍ୟ ଦେଇ ଯାଇଥିବା ୫୫ନମ୍ବର **ଜାତୀୟ ରାଜପଥ**ର ଶ୍ୟାମାଚରଣ ଛକରୁ  କୋରିହାଁ ବାଇପାସ୍ ଛକ ପର୍ଯ୍ୟନ୍ତ **ଆଲୋକୀକରଣ** କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଏହା ଜଣାପଡିଛି । ଏହି ୧୧ କିଲୋମିଟର ପଥର ଉଭୟ ପାର୍ଶ୍ୱରେ ବିଭିନ୍ନ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ରହିଛି । ଏହାକୁ ଦୃଷ୍ଟିରେ ରଖି ଆଲୋକୀକରଣ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥ ଢେଙ୍କାନାଳ ଶାଖା କାର୍ଯ୍ୟାଳୟକୁ  ନିର୍ଦ୍ଦେଶ ଦେଇଛନ୍ତି ।

## ଅଭିଯୋଗ ଶୁଣାଣି

**ସମ୍ବଲପୁର** ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ହୋଇଛି। ଏଥିରେ ୬୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଜମିଜମା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱାସ୍ଥ୍ୟକାର୍ଡ, ସଡକ ଯୋଗାଯୋଗ ଏବଂ ଲକ୍ଷ୍ମୀବସ୍ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ଥିଲା।

## ଗର୍ଭଗୃହ ଯାଞ୍ଚ

ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇ ଏବଂ ପୂର୍ତ୍ତ ବିଭାଗର ବିଶେଷଜ୍ଞଙ୍କ ମିଳିତ କମିଟି ଆଜି **ପୁରୀ** ଶ୍ରୀମନ୍ଦିର **ଗର୍ଭଗୃହ ଯାଞ୍ଚ** କରିବ। ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ଏବଂ ମନ୍ଦିରର ପ୍ରଶାସନିକ ଅଧିକାରୀ ଏହି କମିଟିରେ ସଦସ୍ୟ ଅଛନ୍ତି। ଗର୍ଭଗୃହ ସମେତ ରତ୍ନ ସିଂହାସନ, ନାଟ୍ୟମଣ୍ଡପ, ଜଗମୋହନ, ଗର୍ଭଗୃହର ପ୍ରଥମ ମହଲା ଓ ଦ୍ୱିତୀୟ ମହଲାର ନିୟମିତ ଯାଞ୍ଚ କରାଯିବ। ପ୍ରତିବର୍ଷ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଥାଏ। ଏଥିସହ ଅଁଳା ବେଢ଼ା ଏବଂ ଅନ୍ୟାନ୍ୟ ପାର୍ଶ୍ୱଦେବାଦେବୀଙ୍କ ମନ୍ଦିର ଯାଞ୍ଚ ଏବଂ ଆବଶ୍ୟକସ୍ଥଳେ ମରାମତି କାର୍ଯ୍ୟ କରାଯାଇଥାଏ। ୯ ଦିନ ବ୍ୟାପୀ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଏହି ଯାଞ୍ଚ ତଥା ମରାମତି ପ୍ରକ୍ରିୟାକୁ ସମୟାନୁଯାୟୀ ଶେଷ କରିବା ଲକ୍ଷ୍ୟରେ ଏଏସ୍ଆଇ ଯୋଜନା ପ୍ରସ୍ତୁତ କରିଛି। ଗତବର୍ଷ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ କରାଯାଇଥିବା ମରାମତିଗୁଡ଼ିକର ସ୍ଥିତିକୁ ମଧ୍ୟ ଯାଞ୍ଚ କରାଯାଉଛି। ଗର୍ଭଗୃହରୁ କଳା ଆସ୍ତରଣ ଛଡା ଯିବ ବୋଲି ଏଏସ୍ଆଇ ପକ୍ଷରୁ ସୂଚନା ମିଳିଛି।

**********************************